# Akashvani, Sambalpur

## SAMBALPURI NEWS EVENING BULLETIN

## 16 May 2026-7.02- 7.12 pm.

---

୧- ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍‌ବାର୍ ଦିଗେ ଓଡ଼ିଶା ଖଣି ନିଗମ୍ ନେଉଛେ ପଦକ୍ଷେପ୍ - କହେଲେ ମୁଖ୍ୟମନ୍ତ୍ରୀ ।

- ୨୦୩୬ ମସିହାତକ୍ ଶହେ ନିୟୁତ ଟନ୍ ଖଣି ଉତୋଲନ୍ ଲାଗି ରହିଛେ ଲକ୍ଷ୍ୟ ।

୨- ନିଟ୍- ୟୁଜି -୨୦୨୬ ପ୍ରଶ୍ନପତ୍ର ଲିକ୍ ମାମ୍‌ଲାଥି ପୁନେର ଝନେ ଅଧ୍ୟାପିକାଙ୍କୁ ଗିରଫ୍ କଲା ସିବିଆଇ ।

୩- ତେଲ୍ ସଂକଟ୍‌କେ ନଜର୍‌ଥି ରଖିକରି ନଗର୍ ଉନ୍ନୟନ୍ ବିଭାଗ୍ ତରଫୁ ଜାରି ହେଲା ମାର୍ଗଦର୍ଶିକା ।

ଆଉର୍

୪- ଭୀମଭୋଇ ମେଡ଼ିକାଲ୍ କଲେଜ୍‌କେ ଗୁଟେ ପୂର୍ଣ୍ଣାଙ୍ଗ ମହାବିଦ୍ୟାଳୟ କର୍‌ବେ ସର୍‌କାର୍ ।

ମୁଖ୍ୟମନ୍ତ୍ରୀ- ଖଣି ପ୍ରତିଷ୍ଠା ଦିବସ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶା ଖଣି ନିଗମ୍ ତାର୍ ଲାଭ୍‌ର ଗୁଟେ ବଡ଼ ଭାଗ୍ ରାଜ୍ୟ ସର୍‌କାର୍‌ଙ୍କୁ ନିୟମିତ୍ ଭାବେ ଦେଇକରି ରାଜ୍ୟର୍ ଶିଳ୍ପାୟନ୍ ଆଉ ଅର୍ଥନୈତିକ୍ ବିକାଶ୍ ଦିଗେ ଗୁଟେ ବଡ଼ ଭୂମିକା ନଉଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଆଏଜ୍ ଓଡ଼ିଶା ଖଣି ନିଗମ୍‌ର ୭୧ ନମ୍ବର୍ ଥାପ୍‌ନା ଦିବସ୍ ଅବ୍‌ସରେ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଓଡ଼ିଶା ଖଣି ନିଗମ୍ ସବୁନୁ ଅଏତ୍‌କା ୪୦ ନିୟୁତ ଟନ୍ ଲୁହାପଥର୍ ଉତୋଲନ୍ କରିକରି ରେକର୍ଡ଼ କର୍‌ବାର୍ ସହେତେ ୨ ନିୟୁତ ଟନ୍ କ୍ରୋମାଇଟ୍ ଆଉ ୩ ନିୟୁତ ଟନ୍ ବକ୍ସାଇଟ୍ ଉତୋଲନ୍ କରିକରି ଜାତୀୟ ଆଉ ଅନ୍ତର୍ଜାତୀୟ ବଜାର୍‌ଥି ମାଇଲ୍‌ଖୁଂଟା ଥାପ୍‌ନା କରିଛେ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ କହିଛନ୍, 'ବିକଶିତ୍ ଓଡ଼ିଶା ଆଉ ବିକଶିତ୍ ଭାରତ୍ ଲକ୍ଷ୍ୟ ପୁରା କର୍‌ବାର୍ ଦିଗେ ଓଡ଼ିଶା ଖଣି ନିଗମ୍ ପଦକ୍ଷେପ୍

ନେଉଛେ । ୨୦୩୬ ମସିହାତକ୍ ଓଡ଼ିଶା ଖଣି ନିଗମ୍ ଶହେ ନିୟୁତ ଟନ୍ ଖଣିଜ ଉତୋଲନ୍ ଲାଗି ଲକ୍ଷ୍ୟ ରଖିଛେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କେତେଟା ପ୍ରକଳ୍ପର୍ ଶୁଭାରମ୍ଭ ଆଉ ଲୋକାର୍ପଣ୍ କରିଛନ୍ । କାଲିଆପାଣି ନ ଥିବା ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟର୍ ନୂଆଁଘର୍ ଲୋକାର୍ପଣ୍ କର୍ବାର୍ ସହେତେ ବେସିକ୍ ଲାଇଫ୍ ସପୋର୍ଟ ଆମ୍ବୁଲେନ୍ସ ସେବା, ସମନ୍ୱିତ୍ ପରିଚାଲନା ଆଉ ଅନୁଧାନ୍ କେନ୍ଦ୍ର ଆର୍ ଅନ୍ଲାଇ୍ ସ୍ୱାସ୍ଥ୍ୟ ପରିଚାଲନା ବ୍ୟବସ୍ଥାର୍ ଭିଲ୍ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭଲ୍ ପ୍ରଦର୍ଶନ୍ କରିଥିବା ଖଣି ଆଉ ବିଭାଗ୍କେ ସମ୍ବର୍ଦ୍ଧିତ୍ କରିଛନ୍ ।

ଆଇଓସିଏଲ୍- ତେଲ୍ ମହଜୁଦ୍ ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ଭୂର୍ପୂର୍ ମାତ୍ରାଥି ତେଲ୍ ରହିଛେ ବଲି ଭାରତୀୟ ତେଲ ନିଗମ୍ ଲିମିଟେଡ୍-ଆଇଓସିଏଲ୍ ସ୍ପଷ୍ଟ କରିଛେ । ଲୋକ୍ମାନେ ନାଇଁ ଡରିକରି ଯେତେ ଦର୍କାର୍ ସେତେ ତେଲ୍ ଘିନୁନ୍ ବଲି ଆଇଓସିଏଲ୍ ତର୍ଫୁ କୁହାଯାଇଛେ । ରାଜ୍ୟର୍ କେତେଟା ପେଟ୍ରୋଲ୍ ପମ୍ପ୍ ନ ତେଲ୍ ଲାଗି ଲମ୍ବା ଧାଡ଼ି ଲାଗୁଥିବାର୍ନୁ

ଆଇଓସିଏଲ୍ ତରଫ୍ରୁ ଲୋକ୍‌ମାନ୍‌କୁ ତେଲ୍ ଅଭାବ୍ ବାଗିର୍ ଗୁଜବ୍‌କେ ବିଶ୍ୱାସ୍ ନାଇଁ କର୍‌ବାର୍‌କେ ପରାମର୍ଶ ଦିଆଯାଇଛେ ।

ନିଟ୍- ୟୁଜି -ସିବିଆଇ ଆର୍‌ଏନ୍‌ୟୁ/ କଟକ୍

ନିଟ୍- ୟୁଜି -୨୦୨୬ ପ୍ରଶ୍ନପତ୍ର ଲିକ୍ ମାମ୍‌ଲାଥି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା- ସିବିଆଇ ଆଏଜ୍ ଜୀବ ବିଜ୍ଞାନ୍ ପ୍ରଶ୍ନପତ୍ର ଲିକ୍ ସାଙ୍ଗେ ସାମିଲ୍ ପୁନେର ମନୀଷା ଗୁରୁନାଥ୍ ମାନ୍ଧେର୍‌ଙ୍କୁ ଗିରଫ୍ କରିଛେ । ସେ ଝନେ ଉଦ୍ଭିଦ ବିଜ୍ଞାନ୍ ଅଧ୍ୟାପକ । ନିଟ୍ ୟୁଜି -୨୦୨୬ ପରୀକ୍ଷା ପ୍ରକ୍ରିୟାଥି ଏନ୍‌ଟିଏ ତରଫ୍ରୁ ତାଙ୍କୁ ବିଶେଷଜ୍ଞ ଭାବେ ନିଯୁକ୍ତ କରାଯାଇଥିଲା ବଲି ସିବିଆଇ ତରଫ୍ରୁ କୁହାଯାଇଛେ । ତଦନ୍ତକାରୀ ସଂସ୍ଥାର୍ ସୂଚ୍‌ନା ଅନ୍‌ସାରେ ମାନ୍ଧେର୍ ନିଟ୍ ପରୀକ୍ଷାର୍ ଉଦ୍ଭିଦ ଆଉ ଜୀବ ବିଜ୍ଞାନ୍ ପ୍ରଶ୍ନପତ୍ର ବାବ୍‌ଦେ ଅବଗତ ଥିଲେ । ଇହାଦେତକ୍ ଦିଲ୍ଲୀ, ଜୟପୁର୍, ଗୁରୁଗ୍ରାମ୍, ନାସିକ୍, ପୁନେ, ଆଉ ଅହଲ୍ୟା ନଗର୍‌ନୁ ସିବିଆଇ ୯ ଝନ୍‌କୁ ଗିରଫ୍ କରିଛେ । ସେମାନ୍‌କର୍ ଭିତ୍‌ରୁ ୫ ଝନ୍‌କୁ କୋର୍ଟ ଚାଲାଣ୍ କରାଯାଇଛେ ଆଉ ପୁଲିସ୍

ରିମାଣ୍ଡଥି ନେଇକରି ପ୍ରଶ୍ନପତ୍ର ଲିକ୍ ବାବ୍‌ଦେ ପଚ୍‌ରାଉଚ୍‌ରା କରୁଛେ । ମାମ୍‌ଲାଥି ଆଉ ୨ ଝନ୍ ଗଲାକାଏଲ୍ ଗିରଫ୍ ହେଇଛନ୍ । ସିବିଆଇ ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ୬ ଟା ଜାଗା ନ ଚଢ଼ଉ କରିକରି ପରୀକ୍ଷା ବାବଦ୍ ଦସ୍ତାବିଜ୍, ଲେପ୍‌ଟପ୍, ବେଙ୍କ୍ କାଗଜ୍‌ପତର୍ ଆଉ ମୋବାଇଲ୍ ଫୋନ୍ ଜବତ୍ କରାଯାଇଛେ ।

ଧର୍ମେନ୍ଦ୍ର ପ୍ରଧାନ୍-ପୁସ୍ତକ୍ ଲୋକାର୍ପଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୦ ବଛର୍ ଭିତ୍‌ରେ ଦଲମତ ନିର୍ବିଶେଷଥି ସଭେ ଏକ୍‌ଠାନିଆ ହେଇକରି ଓଡ଼ିଶାର୍ ବିକାଶ୍ ବିଷେଥି ଚିନ୍ତା କର୍‌ବାର୍‌କେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆହ୍ୱାନ୍ ଦେଇଛନ୍ । ୨ ଦିନିଆ ପୁରୀ ଗସ୍ତର୍ ଆଏଜ୍ ଶେଷ୍ ଦିନେ ଗୋପବନ୍ଧୁ ଆୟୁର୍ବେଦ୍ ମହାବିଦ୍ୟାଲୟ ନ 'କବିତା କୁସୁମାଞ୍ଜଳି' ବହିର ଲୋକାର୍ପଣ୍ ଉସ୍ବବ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ୨୦୨୬ ବଛର୍ ଓଡ଼ିଆମାନ୍‌କର୍ ଲାଗି ଚିନ୍ତାଶିଳ ବଛର୍ ହେବାର୍ ଦର୍‌କାର୍ । ସେ କହିଛନ୍...

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ଗୃହନିର୍ମାଣ୍ ବିଭାଗ୍- ଖର୍ଚ୍ଚକାଟ୍ ନିୟମାବଳୀ   ଆଇ.ଆଣ୍ଡ୍.ପି.ଆର୍

ବିଶ୍ୱ ଆର୍ଥିକ୍ ଅନିଶ୍ଚିତତାକେ ନଜର୍‌ଥି ରଖିକରି ଗୃହ ନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ସର୍କାରୀ ଗାଡ଼ି ମଟର୍‌ର ବେଭାର୍ ଲାଗି ନୂଆଁ ନିୟମାବଳୀ ଜାରି କରିଛେ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ନିର୍ଦ୍ଦେଶ୍‌ଥି ଅଧିକାରୀମାନ୍‌କୁ ଭେଇକିଲ୍ ପୁଲିଂ କର୍‌ବାର୍‌କେ କୁହାଯାଇଛେ । ବୈଠକ୍ ପରିଦର୍ଶନ୍ ଯାଂଚ୍ ସମିଆଥି ଦର୍କାର୍ ହେଲେ ଗୁଟେ ଗାଡ଼ିଥି ବହୁତ୍ ଝନ୍ ଅଧିକାରୀ ଯିବାର୍‌କେ ପରାମର୍ଶ ଦିଆଯାଇଛେ । ଇ ନିର୍ଦ୍ଦେଶ୍ ସଚିବାଳୟ ସହେତେ ବିଭାଗ୍ ଅଧୀନ୍‌ଥି ଥିବା ଭିନ୍ ଭିନ୍ ସଂସ୍ଥା ମାନ୍‌କେ ଭିଲ୍ ଲାଗୁ କରାଯିବା ।

ସ୍ୱାସ୍ଥ୍ୟମନ୍ତ୍ରୀ- ମେଡ଼ିକାଲ୍ କଲେଜ୍          ବଲାଙ୍ଗିର୍ ସମ୍ବାଦଦାତା

ଭୀମଭୋଇ ମେଡ଼ିକାଲ୍ କଲେଜ୍‌କେ ଗୁଟେ ପୂର୍ଣ୍ଣାଙ୍ଗ ମହାବିଦ୍ୟାଳୟ କରାଯିବା ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍

ମୁକେଶ୍ ମହାଲିଙ୍ଗ୍ କହିଛନ୍ । ବଲାଙ୍ଗିର୍ ଭୀମଭୋଇ ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍‌ର ବାର୍ଷିକ୍ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ଇ ମେଡ଼ିକାଲ୍ କଲେଜ୍‌ର ଉନ୍ନତି ଲାଗି ଦୁହି କେନ୍ଦ୍ର ଆଉ ରାଜ୍ୟ ସର୍କାର୍ ବହୁତ୍‌ଟେ ପଦକ୍ଷେପ୍ ନେଇଛନ୍ ବଲି କହିଛନ୍ । ଆଏବା କିଛି ଦିନ୍ ଭିତ୍‌ରେ ହସ୍ପିଟାଲ୍ ନ ଦର୍କାର୍ ଥିବା ଭିନ୍ ଭିନ୍ ପଦ୍‌ବୀ ପୂରଣ୍ କରାଯିବାର୍‌କେ ପଦକ୍ଷେପ୍ ନିଆଯାଉଛେ ବଲି ମନ୍ତ୍ରୀ କହିଛନ୍ ।

ସାବିତ୍ରୀ ବ୍ରତ ଆର୍‌ଏନ୍‌ୟୁ/

ସମ୍ବଲପୁର/ ସୁବର୍ଣ୍ଣପୁର୍/ ନୂଆପଡ଼ା

ଜ୍ୟେଷ୍ଠ ମାସର୍ ଉଆଁସ୍ ତିଥି ଅବ୍‌ସରେ ଆଏଜ୍ ରାଏଜେ ସାବିତ୍ରୀ ବ୍ରତ ପାଲନ୍ କରାଯାଇଛେ । ଆଝିର୍ ଦିନେ ସଧବା ନାରୀମାନେ ସ୍ୱାମୀମାନ୍‌କର୍ ଦୀର୍ଘଜୀବନ୍ ଆଉ ମଙ୍ଗଲ୍ କାମନା କରିକରି ଉପାସ୍ ରଖିଛନ୍ । ବିବାହିତା ନାରୀମାନେ ଦେବୀ ସାବିତ୍ରୀଙ୍କୁ ପୂଜା କରିକରି ବର୍‌ଗଛ୍ ତଲେ ସତ୍ୟବାନ୍‌ଙ୍କୁ ପୂଜା

କରିଛନ୍ । ପୌରାଣିକ୍ ତଥ୍ୟ ଅନ୍‌ସାରେ ସାବିତ୍ରୀ ପତିବ୍ରତା ଧର୍ମ ପାଲନ୍ କରିକରି ନିଜର୍ ସ୍ୱାମୀ ସତ୍ୟବାନ୍‌ଙ୍କର୍ ଜୀବନ୍ ଯମରାଜ୍‌ଙ୍କର୍ ଠାନୁ ଫିରେଇ ଆନିଥିଲେ । ସାବିତ୍ରୀ ଅମାବାସ୍ୟା ଲାଗି ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଛେ । ସେଆଡ୍ଡେ ଉଆଁସ୍ ତିଥି ନ ଭିତର୍ ଚନ୍ଦନ୍ ଯାତ୍ରା ଅବ୍‌ସରେ ଆଏଜ୍ ଜଳକ୍ରୀଡ଼ା କରାଯିବା ବଲି ଜନାପଡ଼ିଛେ ।

ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଇ ଅବ୍‌ସରେ ଶୁଭେଚ୍ଛା ଜନେଇକରି ମହାପ୍ରଭୁଙ୍କର୍ କୃପାନୁ ସବୁ ପରିବାର୍ ସୁଖ, ଶାନ୍ତି ଆଉ ସମୃଦ୍ଧିଥି ଭରିଯାଉ ବଲି କହିଛନ୍ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସାବିତ୍ରୀ ବ୍ରତ ଅବ୍‌ସରେ ମା ସାବିତ୍ରୀଙ୍କର୍ ତ୍ୟାଗ, ଧୈର୍ଯ୍ୟ, ବୁଦ୍ଧିମତା ଆଉ ସାହସ୍ ସବୁ ନାରୀମାନ୍‌କର୍ ଜୀବନ୍‌କେ ଉଜିଆ କରୁ ବଲି କହିଛନ୍ । ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଇ ଅବ୍‌ସରେ ମହିଳାମାନ୍‌କର୍ ସୁଖ ଆଉ ସମୃଦ୍ଧି କାମନା କରିଛନ୍ ।

ସାବିତ୍ରୀ ବ୍ରତ ଅବ୍‌ସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଶୁଭେଚ୍ଛା ଜନେଇକରି କହିଛନ୍ ଓଡ଼ିଆ ସଂସ୍କୃତି ଆଉ ପରମ୍ପରାର୍ ଗୁଟେ ଅନନ୍ୟ ପରବ୍ ହଉଛେ ସାବିତ୍ରୀ ବ୍ରତ ।

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଆଏଜ୍ ସାବିତ୍ରୀ ଉଆଁସ୍ ପାଲନ୍ କରାଯାଇଛେ । ମହିଳାମାନେ ରକମ୍ ରକମ୍ର ପୂଜା ଦରବ୍ ଧରିକରି ମନ୍ଦିର୍ ମାନ୍କେ ପୂଜା ପାଠ୍ କରିଛନ୍ ।

ସିବିଏସ୍ଇ ଆର୍ଏନ୍ୟୁ/ କଟକ୍

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ୍ - ସିବିଏସ୍ଇ ତର୍ଫୁ ୧୨ ଶ୍ରେଣୀ ଛାତ୍ରଛାତ୍ରୀମାନ୍କର୍ ଲାଗି ପରୀକ୍ଷାଫଲ୍ ଘୋଷ୍ନା ଉତ୍ରର୍ ବ୍ୟବସ୍ଥା ବାବଦ୍ ଗୁଟେ ବିଜ୍ଞପ୍ତି ଜାରି କରାଯାଇଛେ । ପରୀକ୍ଷାଫଲ୍ ବାବ୍ଦେ ଇଚ୍ଛୁକ୍ ଛାତ୍ରଛାତ୍ରୀମାନ୍କର୍ ଲାଗି ୨ ଥାକିଆ ସମୀକ୍ଷା ବ୍ୟବସ୍ଥାର୍ ସୁବିଧା ରହିଛେ । ପହେଲା ଖେପେ ଛାତ୍ରଛାତ୍ରୀମାନେ ଦେଖାଯାଇଥିବାର୍ ଉତର୍ ଖାତାର୍ ସ୍କେନ୍ କପି ଲାଗି ଅନ୍ଲାଇନ୍ଥି ଆବେଦନ୍ କରିପାର୍ବେ । ଡାଉନ୍ଲୋଡ୍ ଜରିଏ ଇତାକେ ସମୀକ୍ଷା କର୍ବାର୍ ସୁବିଧା ରହିଛେ । ୨ ନମ୍ବର୍ ଖେପେ ଛାତ୍ରଛାତ୍ରୀ ମାର୍କିଂ ନିୟମାବଳୀ ଆଧାର୍ଥି ଧାରିଜ୍ ଉତର୍ର ଫେର୍ଘାଏ ମୂଲ୍ୟାୟନ୍ ଲାଗି ଅନୁରୋଧ୍ କରିପାର୍ବେ । ସ୍କେନ୍ କପି ଲାଗି ଆଏବା ୧୯ ନୁ ୨୨ ତାରିଖ୍ତକ୍ ଆବେଦନ୍ କରାଯାଇପାର୍ବା । ଆଉ ଫି’

ବିଷେ ଲାଗି ଦେୟ ବାବଦ୍‌କେ ୭ ଶହ ଟଙ୍କା ଅନ୍‌ଲାଇନ୍ ଜରିଏ ଦାଖଲ୍ କର୍‌ବାର୍‌କେ ପଡ଼୍‌ବା । ଦେଖାହେଇଥିବା ପରୀକ୍ଷା ଖାତାର୍ ଯାଂଚ୍ ଫେର୍‌ଘାଏ ମୂଲ୍ୟାୟନ୍ ଲାଗି ଆବେଦନ୍ କର୍‌ବାର୍‌କେ ୨୬ ନୁ ୨୯ ତାରିଖ୍‌ତକ୍ ସମିଆ ଧାରିଜ୍ ହେଇଛେ ।

ଡେଙ୍ଗୁ ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଡେଙ୍ଗୁ ରୋଗର୍ କାରଣ୍ ଆଉ ନିରାକରଣ୍ ବାବ୍‌ଦେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇକରି ଆଏଜ୍ ଜାତୀୟ ଡେଙ୍ଗୁ ଦିବସ୍ ପାଲନ୍ କରାଯାଉଛେ । ପରିବେଶ୍‌କେ ପରିଷ୍କାର୍ ରଖ୍‌ବାର୍ ଆଉ ସବୁଦିନ ମଶାରୀ ବେଭାର୍ କର୍‌ବାର୍ ଲାଗି ଇ ମଶାବାହିତ ଭୂତାଣୁ ଜନିତ ରୋଗ୍‌କେ ପ୍ରତିହତ କରାଯାଇପାର୍‌ବା । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ବିଭାଗ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ, ସର୍‌କାରୀ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍‌କେ ଡେଙ୍ଗୁରୋଗର୍ ପରୀକ୍ଷା ଆଉ ଚିକିତ୍ସା ପୁରାପୁରି ମାହାଲିଆ କରାଯାଉଛେ । ଇ ଦିବସ୍ ପାଲନ୍ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ଖାସ୍

ସଚେତନତା କାର୍ଯ୍ୟକ୍ରମ୍‌ମାନ୍ ଆୟୋଜନ୍ କରାଯାଇଛେ । ଚଲ୍‌ତି ବଛର୍ ଡେଙ୍ଗୁ ଦିବସ୍‌ର ବାର୍ତା ହେଉଛେ 'ଏକ୍ ହେଇକରି କାମ୍ କର୍‌ମା- ଡେଙ୍ଗୁ ଦୂର୍ କର୍‌ମା' ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଭାରତ୍‌କେ ଆଏବାର୍ ଲାଗି ପାଗ୍ ଅନୁକୂଳ ହେଉଛେ ବଲି ପାଣିପାଗ୍ ବିଭାଗ୍‌ର ତର୍‌ଫୁ କୁହାଯାଇଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ମିଲିଥିବା ସୂଚ୍‌ନା ଅନ୍‌ସାରେ ଆଏବା ୨ ଦିନ୍‌ତକ୍ ଦିନର୍ ସବୁନୁ ଜହ ତାପମାତ୍ରା ନାଇଁ ବଦ୍‌ଲେ । ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇଥିବାର୍ ବେଲେ ବଲାଙ୍ଗିର୍ ଜିଲ୍ଲା ତୁରେଇକେଲା ଠାନେ ସବୁନୁ ଜହ ୧୧ ମିଲିମିଟର୍ ବର୍ଷା ରେକର୍ଡ଼ କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ କାଲ୍‌ବୈଶାଖୀ ବର୍ଷା ହେବା ବଲି ୧୫ ଟା ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏଜ୍ ଦକ୍ଷିଣ୍ ବଙ୍ଗୋପ୍‌ସାଗର୍ ଆଉ ଆଣ୍ଡାମାନ୍ ନିକୋବର୍

ଦ୍ୱୀପପୁଞ୍ଜର୍ କିଛି ଇଲାକାକେ ମୌସୁମୀ ପୁହୁଁଚିବାର୍ ସମ୍ଭାବନା ଅଛେ ।